# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**03 June – 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଦେବଗଡ଼ ଜିଲ୍ଲାର ବିକାଶ ପାଇଁ ୨୦୫ କୋଟି ଟଙ୍କାର ୧୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

— କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କ ପାଇଁ ସହାୟତାରାଶି ଘୋଷଣା

- ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ୧୧ଟି ସ୍ଥାନ ପାଇଁ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥାର କଲେ ଶୁଭାରମ୍ଭ

- ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବ୍ ଶୀଘ୍ର କ୍ଷତିପୂରଣ ଦିଆଯିବ; ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ

ଏବଂ

- 'ସ୍ଥାୟୀ ଭବିଷ୍ୟତ ନିମନ୍ତେ ସାଇକଲ ଚାଳନା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସାଇକଲ ଦିବସ

## ମୁଖ୍ୟମନ୍ତ୍ରୀ-ସହାୟତାରାଶି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦେବଗଡ଼ରେ ୨୦୫ କୋଟି ଟଙ୍କା ମୂଲ୍ୟର ୧୫ଟି ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ୩୦୦ ଶଯ୍ୟାବିଶିଷ୍ଟ ନବନିର୍ମିତ ଡାକ୍ତରଖାନାର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ ଓ ରୋଜଗାର ଉପରେ ଗୁରୁତ୍ୱ ଦିଆଯାଉଛି। ଦେବଗଡ଼ ଜିଲ୍ଲାକୁ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢ଼ିତୋଳିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଯାନଚାଳନା ପରୀକ୍ଷଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ **ମାଲକାନଗିରି-କେନ୍ଦ୍ରାପଡ଼ା** ସମେତ ୧୧ଟି ସ୍ଥାନ ପାଇଁ ସ୍ୱୟଂଚାଳିତ ଯାନଚାଳନା ପରୀକ୍ଷଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ପରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଦକ୍ଷ ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଦୁର୍ଘଟଣା-ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

**ନବରଙ୍ଗପୁର** ଜିଲ୍ଲା ନନ୍ଦାହାଣ୍ଡିରେ ପାଇଖାନା ଟାଙ୍କିରେ ଶ୍ବାସରୁଦ୍ଧ ହୋଇ ୪ ଜଣଙ୍କର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତାରାଶି ଘୋଷଣା କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଗୁରୁବାର ଦିନ ଗଞ୍ଜାମ ଜିଲ୍ଲା ଗସ୍ତ କରିବେ। ଏହି ଅବସରରେ ରମ୍ଭାଠାରେ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅଭିବୃଦ୍ଧି କରିବା ପାଇଁ ବରପୁତ୍ରମାନଙ୍କ ଅବଦାନର ସ୍ମୃତିରେ ନିର୍ମିତ ୪୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଛତ୍ରପୁର ଷ୍ଟାଡିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ୭୦ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ୨ ଉପମୁଖ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକ କାର୍ଯ୍ୟକ୍ରମରେ ସାମିଲ ହେବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

## କର୍ମଶାଳା

ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଦୁଇଦିନିଆ ରାଜସ୍ୱ ଅଧିକାରୀଙ୍କ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେବେ। କର୍ମଶାଳାରେ ରାଜସ୍ୱ

ସେବାର ସମୀକ୍ଷା କରାଯିବା ସହ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବିକଶିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ଉପସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ରାଜସ୍ୱ କମିଶନର, ଉପଜିଲ୍ଲାପାଳ ଓ ତହସିଲଦାରମାନେ ଉପସ୍ଥିତ ରହିବେ।

## ସୁରେଶ ପୂଜାରୀ

ରାଜ୍ୟରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ କ୍ଷତିପୂରଣ ଦିଆଯିବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଏ ସମ୍ପର୍କରେ ଜିଲ୍ଲାପାଳମାନଙ୍କଠାରୁ ରିପୋର୍ଟ ମଗାଯାଇଥିଲା। ସମସ୍ତ ରିପୋର୍ଟ ମିଳିବା ପରେ କ୍ଷତିପୂରଣ ରାଶି ଦିଆଯିବ।

## - V/O -(Suresh Pujari)

## ସ୍ନାନପୂର୍ଣ୍ଣିମା

ପୁରୀରେ ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ  କରିବା ପାଇଁ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ସେବାୟତମାନଙ୍କ ସହ ଆଲୋଚନା କରିଛି। ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପହଣ୍ଡି ଶୃଙ୍ଖଳା ନେଇ ଆଲୋଚନା ହୋଇଥିଲା। ଆସନ୍ତା ୧୧ ତାରିଖ ଦିନ ଦେବସ୍ନାନ ପୂର୍ଣ୍ଣିମାରେ ପରମ୍ପରା ଅନୁସାରେ ମହାପ୍ରଭୁ ରତ୍ନବେଦୀ ଛାଡି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିବେ। ମହାପ୍ରଭୁଙ୍କର ଏହି ପହଣ୍ଡି ନୀତି ସହ ସ୍ନାନ

ନୀତି ଓ ହାତୀବେଶ ନୀତିକୁ ଶୃଙ୍ଖଳିତ କରିବା ପାଇଁ ନୀତି ନିର୍ଘଣ୍ଟ ହୋଇଛି ।

## ରଥଖଳା

ପୁରୀ ରଥଯାତ୍ରା ପାଇଁ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଚାଲିଛି । ଆଜି ଅପରାହ୍ଣରେ ଚକ-ଅଖ ଡେରା କାର୍ଯ୍ୟ ସମ୍ପନ୍ନ ହୋଇଛି । ପରମ୍ପରା ଅନୁସାରେ, ଗତ ଭଉଁରୀ ତିଥିରେ ଆଜ୍ଞାମାଳ ବିଜେ ହୋଇଥିବାବେଳେ ପ୍ରତି ରଥର ୨ଟି ଚକ ସହ ଅଖ ସଂଯୋଗ କରାଯାଇଥିଲା । ବଳକା ୩ ରଥର ସମସ୍ତ ଚକ-ଅଖ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଆଜି ସେଗୁଡ଼ିକୁ ଯୋଖା ଯାଇଛି । ମହାରଣା ସେବକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଇ ସେବକମାନେ ୩ ରଥର ସମସ୍ତ ୩୬ ଗୋଟି ଚକରେ ଅଖ ଡେରା କାର୍ଯ୍ୟ କରିଥିଲେ । ପ୍ରଥମେ ତାଳଧ୍ୱଜ ରଥର ଚକ-ଅଖ ଡେରାଯାଇଥିଲା । ଏହାପରେ ନନ୍ଦିଘୋଷ ଓ ଦର୍ପଦଳନ ରଥର ଚକ-ଅଖ ଯୋକା କାର୍ଯ୍ୟ କରାଯାଇଥିଲା ।

# ବିଶ୍ୱ ସାଇକେଲ ଦିବସ

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବେଶ ସଂରକ୍ଷଣ ନିମନ୍ତେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାଇକେଲ ଦିବସ ପାଳନ ହେଉଛି । ସୁସ୍ଥ ଜୀବନଶୈଳୀ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବିକାଶରେ ସାଇକେଲ ଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିସଂଘ ସାଧାରଣ ସଭାରେ ୨୦୧୮ ମସିହାରୁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିବା ନିମନ୍ତେ ନିଷ୍ପତ୍ତି

ନିଆଯାଇଥିଲା । ଚଳିତବର୍ଷର ବାର୍ତ୍ତା ରହିଛି **ସ୍ଥାୟୀ ଭବିଷ୍ୟତ ନିମନ୍ତେ ସାଇକେଲ ଚାଳନା।** ସାଇକେଲ ଗମନାଗମନ ଓ ପରିବହନ କ୍ଷେତ୍ରରେ ସବୁଠାରୁ ପୁରୁଣା ଓ ଜରୁରୀ ମାଧ୍ୟମ ଭାବରେ ପରିଗଣିତ ହୋଇଆସୁଛି ।

## ତମାଖୁ ଦିବସ

ବିଶ୍ୱ ତମାଖୁ ଦିବସ ଦିବସ ସଚେତନତା କୁଇଜ୍ ୨୦୨୫ ପାଇଁ ମାଇଁ ଗଭ୍ ପ୍ଲାଟ୍‌ଫର୍ମରେ ୧୨ଟି ଭାଷାରେ ପ୍ରଶ୍ନମାନ ଉପଲବ୍ଧ ହେଉଛି। ଏହି କୁଇଜ୍ ପ୍ରତିଯୋଗିତାରେ ଇଂରାଜୀ, ହିନ୍ଦୀ, ଆସାମୀ, ବଙ୍ଗଳା, ଗୁଜୁରାଟୀ, କନ୍ନଡ଼, ତାମିଲ, ତେଲୁଗୁ, ମାଲୟଲମ୍, ମରାଠୀ, ଓଡ଼ିଆ ଏବଂ ପଞ୍ଜାବୀ ଭାଷାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାଇ ଗଭ୍‌ରୁ ଏକ ଡିଜିଟାଲ୍ ପ୍ରମାଣପତ୍ର ମିଳିବ, ଯାହା ଏକ ସୁସ୍ଥ ତମାଖୁ ମୁକ୍ତ ଭାରତରେ ସେମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିବ। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ଜାତୀୟ ଶିକ୍ଷାନୀତି ୨୦୨୦ର ଅଂଶସ୍ୱରୂପ ଅଟେ। ଏହି କୁଇଜ୍ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ବିଷୟରେ ସଚେତନ କରାଯିବା ସହ ସେମାନେ ବୁଝିପାରୁଥିବା ଭାଷା ମାଧ୍ୟମରେ ତାଙ୍କୁ ଏଥିରେ ସୁଯୋଗ ପ୍ରଦାନ କରାଯାଉଛି।

## ମାଦକଦ୍ରବ୍ୟ

ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା, ଅପମିଶ୍ରିତ ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ

ନିଆଯାଇଛି । ଏଥିନିମନ୍ତେ ପ୍ରଥମ ପର୍ଯ୍ୟାୟରେ ମଇ ମାସ ୩୧ ତାରିଖରୁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ।

ଏହି ପରିପ୍ରେକ୍ଷୀରେ **ମାଲକାନଗିରି** ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ନିଶା ନିବାରଣ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ୭ଟି ବ୍ଲକ୍‌ର ୧୧୧ଟି ପଂଚାୟତ ପରିକ୍ରମା କରିବ ।

ଏହି ଅଭିଯାନ ଅବସରରେ ଆଜି ପୂର୍ବାହ୍ଣରେ **ବଲାଙ୍ଗିର** ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ରଥକୁ ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ଶୁଭାରମ୍ଭ କରିଛନ୍ତି ।

**ନବରଙ୍ଗପୁର** ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ନିଶା ନିବାରଣ ସଚେତନତା ରଥକୁ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ପୁଲିସ୍ ଓ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଚେତନତା ଶିବିର

**ନୟାଗଡ଼** ଜିଲ୍ଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କ ତତ୍ତ୍ୱାବଧାନରେ ଆଜି ଜିଲ୍ଲା ଜଜ୍‌ଙ୍କ ସମ୍ମିଳନୀକକ୍ଷରେ ଆଇନ୍‌ଜୀବୀ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଚାର ବିଭାଗୀୟ

ଅଧିକାରୀମାନେ ଅତିଥି ଭାବେ ଯୋଗଦେଇ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ଦ୍ୱାରା ମାମଲାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ।

## ସନ୍ତରଣ ପ୍ରଶିକ୍ଷଣ

**ମାଲକାନଗିରି** ପଂଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲା ଜରୁରୀକାଳିନ ବିଭାଗ ପକ୍ଷରୁ ଆଜି ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ ରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। ଓଡ୍ରାଫର ୧୦ଟି ଦଳ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ସ୍ଥାନୀୟ ବଣ୍ଡା ବାକୁଲିଗୁଡ଼ା ବନ୍ଧରେ ପ୍ରଶିକ୍ଷଣ ଦେବେ। କୋରାପୁଟରୁ ୨୦ ଜଣିଆ ଓଡ୍ରାଫ ଦଳ ଜିଲ୍ଲାରେ ଏହି ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଛନ୍ତି। **ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ସନ୍ତରଣ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି।

## ପାଣିପାଗ

ମେଘମୁକ୍ତ ଆକାଶ ଏବଂ ପଶ୍ଚିମା ଉତ୍ତପ୍ତ ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ଦିନ ତାପମାତ୍ରା ବୃଦ୍ଧି ପାଇଛି । ବାୟୁମଣ୍ଡଳରେ ଆଦ୍ରତା ପରିମାଣ ଅଧିକ ରହୁଥିବାରୁ ଗୁଳୁଗୁଳି ଅନୁଭୂତ ହେଉଛି । ଆସନ୍ତା

କିଛିଦିନ ପର୍ଯ୍ୟନ୍ତ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଆସନ୍ତାକାଲି ତାପମାତ୍ରା ବୃଦ୍ଧି ପାଇବା ନେଇ ବାଲେଶ୍ୱର, ଗଜପତି ସମେତ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ୨୪ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରିଛି ।

*********************************